# ଗ୍ରାମାଞ୍ଚଳ ବିକାଶର ସାରଥି ସାଜିବ ଲକ୍ଷ୍ମୀବସ୍ ସେବା

## ଆଜିଠୁ ୬୨ଟି ରୁଟ୍‌ରେ ଗଡ଼ିବ ବସ୍

## ଗାଁରୁ ସହର ସେବା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ କରିବେ ଯାତ୍ରା





ବାରିପଦା, ୧୨।୨(ସମିସ): ଗତିଶୀଳ ଓଡ଼ିଶା, ପ୍ରଗତିଶୀଳ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଲକ୍ଷ୍ମୀ ବସ ଯୋଜନା ମୟୂରଭଞ୍ଜ ଜିଲ୍ଲାରେ ସୋମବାର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦଘାଟନ କରିଛନ୍ତି । ଗ୍ରାମାଞ୍ଚଳର ବିକାଶ ସମୃଦ୍ଧିର ସାରଥୀ ସାଜିବ ଲକ୍ଷ୍ମୀ ବସ୍ ସେବା । ଯଦ୍ଦ୍ୱାରା ଗ୍ରାମାଞ୍ଚଳରେ ଗମନାଗମନ ସୁଗମ ହେବା ସହିତ ଲୋକେ ନିଜର କାର୍ଯ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚିପାରିବେ। ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ଯୋଡ଼ି ହୋଇପାରୁଛନ୍ତି । ବିଶେଷ କରି ମହିଳାମାନେ ଏହି ସେବା ମାଧ୍ୟମରେ ବେଶ୍ ଉପକୃତ ହେଉଛନ୍ତି । ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଯାତ୍ରା କରିପାରିବେ । ମୟୂରଭଞ୍ଜ ଜିଲ୍ଲାର ୩୮୬ଟି ପଞ୍ଚାୟତରେ ୧୦୭ଟି ବସ୍ ଚଳାଚଳ କରିବ । ଫଳରେ ଜିଲ୍ଲାର ୨୪ଲକ୍ଷ ୨୦ହଜାର ଲୋକ ଯାତ୍ରାର ସୁବିଧା ପାଇପାରିବେ । ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାରଠାରୁ ୬୨ଟି ରୁଟରେ ଲକ୍ଷ୍ମୀ ବସ ଚଳାଚଳ କରିବ । ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବା ସହିତ ପିଲାଙ୍କୁ ସ୍କୁଲ କଲେଜ ଏବଂ ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ । ବାରିପଦାର ଛଉ ପଡ଼ିଆରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଢେଇ, ମୟୂରଭଞ୍ଜ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ପୌ?ରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ, ଜିଲ୍ଲାପାଳ ଆଶିଷ ଠାକରେ, ଏସପି ଏସ ସୁଶ୍ରୀ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ସମେତ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜିଲ୍ଲାଗସ୍ତ ସମୟରେ ଲୋକଙ୍କ ଅସୁବିଧାକୁ ଦୃଷ୍ଟି ରଖି ସମାଧାନ ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି । ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଯୋଜନା ଆରମ୍ଭ ହୋଇଛି । ଲକ୍ଷ୍ମୀ ବସ୍ ଆପଣମାନଙ୍କ ନିଜ ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସମ୍ମାନପ୍ରତି ଗୁରୁତ୍ୱ ଦେବାର ଦାୟିତ୍ୱ ସମସ୍ତ ଜନସାଧାରଣଙ୍କ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।



ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୪ଟି ଜିଲ୍ଲା ଉକ୍ତ ଯୋଜନାରେ ସାମିଲ ହୋଇପାରିଛି ବୋଲି ସେ କହିଛନ୍ତି । ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି । ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି; ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଏହା ସହାୟକ ହେବ । ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକଟ ମୂଲ୍ୟ ଅଧା ରଖାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ, ସମୟ ଥିଲା ସମାଜରେ ମା'ମାନେ ଅବହେଳିତ ଅବସ୍ଥାରେ ଥିଲେ । ଆଜି ସବୁ କ୍ଷେତ୍ରରେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସର୍ବାଗ୍ରେ ରଖିଛନ୍ତି । ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି । ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ମୀ ବସ ଯୋଜନା ଜରିଆରେ ଗ୍ରାମାଞ୍ଚଳରୁ ସହରକୁ ଗମନା ଗମନର ପ୍ରମୁଖ ମାଧ୍ୟମ ସାଜିବ ବୋଲି ଉଭୟେ କହିଥିଲେ । ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳର ବିକାଶ କରାଯିବ । ଖୁବଶୀଘ୍ର ମିଶନ ଶକ୍ତି ମା'ମାନଙ୍କ ପାଇଁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ କହିଥିଲେ । ଲକ୍ଷ୍ମୀ ବସ୍ ହେଉଛି ଓଡ଼ିଶାବାସୀଙ୍କ ସମ୍ପତ୍ତି । ଆପଣମାନଙ୍କ ସମ୍ପତ୍ତି ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ ବୋଲି ସେ କହିଥିଲେ । ଲକ୍ଷ୍ମୀ ବସର ଶୁଭାରମ୍ଭ ଅବସରରେ ବାରିପଦାର ଛଉ ପଡ଼ିଆ ସ୍ଥିତ ସଭାମଞ୍ଚ ନିକଟରୁ ବଡ଼ସାହି ବ୍ଲକର ଟଙ୍ଗାଶୋଳକୁ ପ୍ରଥମ ବସ୍ ଗଡ଼ିଥିଲା । ମନ୍ତ୍ରୀ ଓ ଅତିଥି ମାନେ ଟିକଟ କାଟି ଯାତ୍ରା କରିଥିଲେ । ଟଙ୍ଗାଶୋଳଠାରେ ଏକ ନୂତନ ବସ୍‌ଷ୍ଟାଣ୍ଡକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏହାକୁ ଉଦଘାଟନ କରିଥିଲେ । ବିଧାୟକ ଶ୍ରୀ ଦାସ, ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ ବିଭାଗର ରାଜ୍ୟ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ସେମାନେ କ'ଣ କହନ୍ତି....



ପୂର୍ବରୁ ମୁଁ ଘରୋଇ ଯାତ୍ରୀବାହୀ ବସ ଚଲାଉଥିଲି । ଲକ୍ଷ୍ମୀ ବସରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପରେ ବାରିପଦା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଆବେଦନ କରି ସାକ୍ଷାତକାରରେ ଚୟନ ହୋଇଛି । ମାସକୁ ୧୫, ୦୦୦ ଟଙ୍କା ଏବେ ଦରମା ମିଳିବ; ଯାହାକି ପୂର୍ବ ତୁଳନାରେ ୪/୫ ହଜାର ଟଙ୍କା ଅଧିକ ।

**ବିଜୟ ସାହୁ, ଚାଳକ**



ମିଶନଶକ୍ତି ଜରିଆରେ ମୁଁ ନୂତନ କାର୍ଯ୍ୟରେ ଯୋଗଦେଇଛି । ଆମ ମୋରଡା ବ୍ଲକରୁ ମୋ ଭଳି ୮ ଜଣ ସଦସ୍ୟା ଲକ୍ଷ୍ମୀ ବସରେ କଣ୍ଡକ୍ଟର କାର୍ଯ୍ୟ ତୁଲାଇବୁ । ପରିବହନ ବିଭାଗ ଆମକୁ ଭଡା ଆଦାୟ ପାଇଁ ଟିକଟ ମେସିନ ଦେଇଛନ୍ତି । ଆମେ ତାଲିମ ମଧ୍ୟ ନେଇଛୁ । ଦୈନିକ ୪୪୨ ଟଙ୍କା ଦରମା ଆମେ ପାଇବୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ - ଟି ତଥା ଆମ ଓଡ଼ିଶା, ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଏଥିପାଇଁ କୃତଜ୍ଞତା ଜଣାଉଛି ।

**ସୁମନପ୍ରଭା ଦେଓ, କଣ୍ଡକ୍ଟର**



ମୟୂରଭଞ୍ଜ ଜିଲ୍ଲାର ୩୮୬ଟି ପଞ୍ଚାୟତରେ ୧୦୭ଟି ବସ୍ ଚଳାଚଳ କରିବ । ଯଦ୍ଦ୍ୱାରା ୨୪ଲକ୍ଷ ୨୦ହଜାର ଲୋକ ସୁଗମ ଯାତ୍ରାର ସୁବିଧା ପାଇପାରିବେ । ଆଜି ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାରଠାରୁ ୬୨ଟି ରୁଟରେ ଲକ୍ଷ୍ମୀ ବସ ଚଳାଚଳ କରିବ ।

**ବିଶ୍ୱଜ ବେହେରା, ଆରଟିଓ**



ଲକ୍ଷ୍ମୀ ବସ ଗ୍ରାମାଞ୍ଚଳରେ ଘରେ ଘରେ ଲକ୍ଷ୍ମୀ ଆଣିବ । ଗାଁରୁ ସହରକୁ ଗମନାଗମନ ପାଇଁ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉକ୍ତ ଅଭିନବ ପଦକ୍ଷେପ ଗତିଶୀଳ ଓଡ଼ିଶା ଗଠନ ନିମନ୍ତେ ସହାୟକ ହେବ । ଏଥି ସହିତ ଲକ୍ଷ୍ମୀ ବସଗୁଡ଼ିକର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଦିଆଯାଇଛି । ଯାହାକି ତାଙ୍କୁ ସ୍ୱାବଲମ୍ବୀ କରିବାରେ ବେଶ ସହାୟକ ହେବ । ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନଙ୍କୁ ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ।

**ବିଷ୍ଣୁପ୍ରିୟା ଦାସ, ସଭାନେତ୍ରୀ, ମିଶନ ଶକ୍ତି**



କଲେଜ ଯିବାକୁ ପ୍ରତିଦିନ ଆମେ ବସ ଉପରେ ନିର୍ଭର କରିଥାଉ । ଆଗରୁ ଘରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସାଇକଲରେ ଆସି ସେଠାରେ ସାଇକଲ ରଖି ବସ ଯୋଗେ କଲେଜକୁ ଆସୁଥିଲି । କିନ୍ତୁ ଲକ୍ଷ୍ମୀ ବସ ଚାଲିବ ଦ୍ୱାରା କଲେଜ ଆସିବ ସୁଗମ ହୋଇଛି । ପ୍ରତି ପଞ୍ଚାୟତକୁ ଲକ୍ଷ୍ମୀ ବସ ସେବା ଯୋଗାଯୋଗ ଆରମ୍ଭ ହେବା ଦ୍ୱାରା ଏବେ ଘର ଦୁଆରୁ ୫ଟଙ୍କା ଦେଇ ବସ ଯୋଗେ କଲେଜ ଆସିବା ସହଜ ହୋଇଛି । ଏ ନେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଉଛି ।

**ସୂର୍ଯ୍ୟକାନ୍ତ ପଣ୍ଡା, କଲେଜ ଛାତ୍ର**



















## ବହଳଦାରୁ ଗଡ଼ିଲା ଲକ୍ଷ୍ମୀ ବସ୍



ବହଳଦା, ୧୨।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ 'ଘରେ ଘରେ ଲକ୍ଷ୍ମୀ' ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବହଳଦା ବ୍ଲକରୁ ୪୦ ଜଣ ମହିଳାଙ୍କୁ ନେଇ ଜିଲ୍ଲା ସଦର ମହକୁମା ବାରିପଦା ଅଭିମୁଖେ ଲକ୍ଷ୍ମୀବସ ଗଡ଼ିଛି। ପରବର୍ତ୍ତୀ ସମୟରେ ଏହି ବସ ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ଚାଲିବ। ଯାତ୍ରୀମାନେ ୫ ଟଙ୍କା ଭଡା ଦେଇ ପଞ୍ଚାୟତରୁ ସଦର ମହକୁମାକୁ ଯାତ୍ରା କରିପାରିବେ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଇଓ ଅଫିସ୍ ଘେରଉ

ବହଳଦା, ୧୨।୨(ସମିସ)

ବହଳଦା ବ୍ଲକ ଶଶ ପଞ୍ଚାୟତ କୁସ୍ତିରଦା ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଅଭାବ ପ୍ରତିବାଦରେ ସୋମବାର ଗ୍ରାମର ଶତାଧିକ ବ୍ୟକ୍ତି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଘେରଉ କରିଥିଲେ।

ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ସ୍କୁଲ ପରିଚାଳନା କମିଟି ସଭାପତି ସଉଦଇର ପାଲଙ୍କ ନେତୃତ୍ୱରେ ଗ୍ରାମବାସୀ ଏବିଇଓ ଭୂତନାଥ ସିଟ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୧୩୯ ଥିବାବେଳେ କାଗଜ କଲମରେ ଏଠାରେ ୬ ଜଣ ଶିକ୍ଷକ ରହିଥିବା



ଦର୍ଶାଯାଉଛି; କିନ୍ତୁ ସେଥିରୁ ୩ଜଣଙ୍କୁ ଡେପୁଟେସନରେ ଅନ୍ୟସ୍ଥାନକୁ ପଠାଇ ଦିଆଯାଇଛି। ଦୁଇ ବର୍ଷରୁ ଅଧିକ ହେବ ସ୍କୁଲରେ କୌଣସି ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ଅସ୍ଥାୟୀ ଭାବେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭିନ୍ନ ସରକାରୀ କାମ, ଟ୍ରେନିଂ, ସୂଚନା ପ୍ରଦାନ ଆଦିରେ ସମୟ ଯାଉଛି। ଅନ୍ୟପଟେ ୨ଜଣ ଶିକ୍ଷକରୁ ଜଣେ ମହିଳା ଶିକ୍ଷୟିତ୍ରୀ ରହିଛନ୍ତି। ସେ ମଧ ସପ୍ତାହେ ଭିତରେ ପ୍ରସବ କାଳୀନ ଛୁଟିରେ ଯିବେ। ତେଣୁ ଜଣେ ଶିକ୍ଷକରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ଓ ସମ୍ଭାଳିବା ନିଶ୍ଚିତ ଅସମ୍ଭବ। ଛାତ୍ରଛାତ୍ରୀ ଅନୁପାତରେ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ନିଜ ପିଲାମାନଙ୍କୁ ଆଉ ସ୍କୁଲ୍ ଛାଡିବେ ନାହି ବୋଲି ଅଭିଭାବକମାନେ କହିବା ସହିତ ସ୍କୁଲରେ ଅନିର୍ଦ୍ଦିଷ୍ଟ କାଳପାଇଁ ତାଲାବନ୍ଦ କରିବେ ବୋଲି ସୂଚନା ଦେଇଛନ୍ତି। ବାରମ୍ବାର ଏ ସଂକ୍ରାନ୍ତରେ ଫୋନ କଲେ ମଧ ବିଇଓ ଫୋନ ଉଠାଉ ନ ଥିବା ଶଙ୍କର ମଣ୍ଡଳ ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ମହାକୁଡ, ରାମସିଂ ସୋରେନ, କମଳଆବତଈ ହେମ୍ବ୍ରମ, ଲକ୍ଷ୍ମୀପ୍ରିୟା ପାଲ, ସ୍ୱରୂପା ଗିରି, ସାନ୍ଧେ ମୁର୍ମୁ ପ୍ରମୁଖ ଉପସ୍ଥିତି ଥିଲେ।

## ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ବଡ଼ସାହି, ୧୨।୨(ସମିସ): ବଡ଼ସାହି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଆକାଶ ପଣ୍ଡା ଅଧକ୍ଷତା କରିଥିଲେ। ବଡ଼ସାହି ତହସିଲଦାର ଗଦାଧର ଧଳ ମଞ୍ଚାସୀନ ଥିଲେ। ବଡ଼ସାହି ବ୍ଲକ ୨୮ଟି ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଓ ଯୋଜନା ପ୍ରସ୍ତୁତି ଦେବାପାଇଁ ଜିଲ୍ଲା ଜରୁରୀକାଳୀନ ଅଫିସର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସମସ୍ତଙ୍କୁ ଅବଗତ କରାଇଥିଲେ। ବଡ଼ସାହି ବ୍ଲକର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା କରିବା ପାଇଁ ନୋଡାଲ ଏନ୍.ଜି.ଓ. ଫୋର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକର ନୋଡାଲ ଅଫିସର ଅତିରିକ୍ତ ଯନ୍ତ୍ରୀ ଲକ୍ଷ୍ମଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନେଇକଳାରେ ବିଜେଡିର ସାଂଗଠନିକ ବୈଠକ



ବିଶୋଇ, ୧୨।୨ (ସମିସ): ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି ବିଜେଡି ଦଳକୁ ନିର୍ବାଚନରେ ବିଜୟାଭିମୁଖୀ କରିବା ପାଇଁ ବିଶୋଇ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତ ସ୍ତରରେ ସାଂଗଠନିକ ବୈଠକ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସାରସକଣା ନିର୍ବାଚନ ମଣ୍ଡଳୀର ବିଶୋଇ ବ୍ଲକ ବନେଇକଳା ପଞ୍ଚାୟତର ଶତାଧିକ ମହିଳା, ଯୁବ, ଛାତ୍ର ଓ ବିଜେଡିପ୍ରେମୀଙ୍କୁ ନେଇ ବନେଇକଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟବେକ୍ଷକ ଦେବାଶିଷ ମହାନ୍ତି ବୈଠକରେ ଯୋଗଦେଇ ଆଗାମୀ ନିର୍ବାଚନରେ ସମସ୍ତଙ୍କ ହାତ ମୁଠାକୁ ଟାଣ ରଖି ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ କରିଥିଲେ। ସେହିପରି ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ଯୋଗଦେଇ ଆଗାମୀ ନିର୍ବାଚନରେ ପୁଣି ଥରେ ବିଜେଡିକୁ ଜିତାଇ ଆଣିବାରେ ମହିଳାମାନଙ୍କୁ ଶସକ୍ତ ହେବାକୁ ପଡ଼ିବ ବୋଲି କହିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ ହୋଉଛି ସେନେଇ ବ୍ଲକ କାର୍ଯ୍ୟକାରୀ ସଭାପତି କ୍ଷିରୋଦ କୁମାର ନନ୍ଦ ସୂଚନା ଦେଇଥିଲେ। ମୟୂରଭଞ୍ଜ-୨ ଜିଲ୍ଲାର ସଂଯୋଜକ ବୁଦ୍ଧିମାନ ମଣ୍ଡଳ, ବିଶୋଇ ବ୍ଲକ ସଭାପତି ଫାଗୁରାମ ମାର୍ଣ୍ଡି, ୩୪ ନଂ ଜନ ସଂଯୋଜକ ରଞ୍ଜନ କୁମାର ନନ୍ଦ, ବିଶୋଇ ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ନନ୍ଦ, ପୃଥ୍ୱୀନାଥ ଗିରି, ଗୋପ ଗିରି, ବନେଇକଳା ସରପଞ୍ଚ ମାଳତୀ ମାଝୀ, ବାଉଡିବେଡା ସରପଞ୍ଚ କାଳୀଚରଣ ନାଏକ, ବ୍ଲକ ଯୁବ ସଭାପତି ସୁନୀଲ ମହାପାତ୍ର, ଛାତ୍ର ସଭାପତି ସଚିନ୍ଦ୍ର ମହାନ୍ତ ସମେତ ବନେଇକଳା ପଞ୍ଚାୟତର ସମସ୍ତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଭବନ ଲୋକାର୍ପିତ



ଶୁକୁଳି, ୧୨।୨(ସମିସ): ଆଜି ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକରେ ନିର୍ମିତ ହୋଇଥିବା ମିଶନ ଶକ୍ତି ଭବନର ଲୋକାର୍ପିତ ହୋଇଛି। ଆୟୋଜିତ ଏକ ଉତ୍ସବରେ ମହିଳା, ଶିଶୁ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ଭବନକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା କବିତା ମଞ୍ଜରୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି, ଯୁବ ନେତା ଗୋଲକ ବିହାରୀ ନାୟକ, ଚକ୍ରଧର ହେମ୍ବ୍ରମ, ସିଡ଼ିପିଓ ଦ୍ରୋପଦୀ ମାରାଣ୍ଡି, ଏସ୍‌ଏଚ୍‌ଜିର ମାଆମାନେ, ସିଆର୍‌ପି, ଏମବିକେର ମା' ମାନେ ଉପସ୍ଥିତ ଥିଲେ। ଏହି ଭବନକୁ ଉଚିତ୍ କାର୍ଯ୍ୟରେ ଲଗାଇ ମା'ମାନେ ଆଗକୁ ବଢ଼ନ୍ତୁ ବୋଲି କହିଛନ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିବା ସହିତ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

## ସାନ୍ତାଳୀ ସମାଜର ନୂଆବର୍ଷ ମାଘେ ମୁଲୁ ପାଳିତ



ରାଇରଙ୍ଗପୁର, ୧୨।୨(ସମିସ): ରାଇରଙ୍ଗପୁରର ସ୍ୱେଚ୍ଛାସେବୀ ସଂଗଠନ 'ଆଦିମ ସାଓ୍ୱତା ସେମଲେଦଖ' ତରଫରୁ ସାନ୍ତାଳୀ ସମାଜର ନୂଆବର୍ଷ ମାଘେ ମଲୁ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଛି। ଚଳିତବର୍ଷ ୧୭ ବର୍ଷରେ ପହଞ୍ଚିଛି। ଆଦିମ ସାଓ୍ୱତା ସେମଲେଦଖ ପକ୍ଷରୁ ରାଇରଙ୍ଗପୁର କଲେଜ ନିକଟରେ ଥିବା ନୂଆଗାଁ ଲିପିଘୁଟୁ ଖେଳ ପଡ଼ିଆରେ ପାରମ୍ପରିକ ନୃତ୍ୟସଙ୍ଗୀତ ମାଦଳର ତାଳେ ତାଳେ ମଜ୍ଜି ରହିଥିଲେ। ଉକ୍ତ ଦିନ ସେମାନେ ସେମାନଙ୍କର ଦୈନନ୍ଦିନ କର୍ମଜଞ୍ଜାଳରୁ ମୁକ୍ତ ରହି ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହ ମିଶି ଖୁସିରେ ଦିନ ବିତାଇଥାନ୍ତି। ଉକ୍ତ ଦିନ ସାନ୍ତାଳୀ ସମ୍ପ୍ରଦାୟର ଭାଇଭଉଣୀ ହାତକୁହାତ ମିଶାଇ ନାଚଗୀତରେ ମସଗୁଲ ରହିଥିଲେ। ଏଥିରେ ସଂଗଠନର ସଭାପତି ଲଛୁ ହାଁସଦାଃ, ଉପସଭାପତି ରୁଖମୁନି ହାଁସଦା, ସମ୍ପାଦକ ମନୋରଞ୍ଜନ ମୁର୍ମୁ, ଯୁଗ୍ମ ସମ୍ପାଦକ ହୀରାମଣୀ ମାଝୀ, ଉପଦେଷ୍ଟା ଭୁଗ୍ଲୁ ମାର୍ଣ୍ଡି, କୋଷାଧ୍ୟକ୍ଷ କୁନି ମାର୍ଣ୍ଡି, କାର୍ଯ୍ୟକାରୀ ସଦସ୍ୟ ଦମୟନ୍ତୀ ମୁର୍ମୁ, ମିନି ହାଁସଦା, ମିଥିଳା ଟୁଡୁ, ଦୁଲାରି ମୁର୍ମୁ, ମମତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ଶୁଳିଆପଦା, ୧୨।୨ (ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ କୁସୁମୀ ଗ୍ରାମର ବରିଷ୍ଠ ନାଗରିକ ଗୌରମୋହନ ଗିରିଙ୍କ ଶନିବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ



୭୫ ବର୍ଷ ହୋଇଥିଲା। କିଡ୍‌ନୀ ଜନିତ ସମସ୍ୟା କାରଣରୁ ତାଙ୍କୁ ପ୍ରଥମେ ବାରିପଦାସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ତାଙ୍କୁ ବାରିପଦା ଅଣାଯାଇ ଚିକିତ୍ସାଧୀନ ଥିଲେ; ହେଲେ ଗତକାଲି ତାଙ୍କର ପରଲୋକ ହୋଇଯାଇଛି। ସେ ୨ ଥର କୁସୁମୀ ୱାର୍ଡସଭ୍ୟଭାବେ ନିର୍ବାଚିତ ହୋଇ ଗ୍ରାମର ଉନ୍ନତିମୂଳକ କାମ କରିଥିଲେ। ସେ ଜଣେ ସ୍ୱଷ୍ଟବାଦୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁତ୍ର ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

## ହୋ' ସମାଜର 'ମାଗେ ପର୍ବ' ଉଦ୍‌ଯାପିତ

## ନୃତ୍ୟଗୀତରେ ମସଗୁଲ ଆଦିବାସୀ



କରଞ୍ଜିଆ, ୧୨।୨(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡ଼ଦେଉଳି ପଞ୍ଚାୟତର ସରଧାଠାରେ ଚାଲୁଥିବା ୩ ଦିନିଆ ମାଘେ ପରବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନ ଦିବସରେ ହୋ ସମାଜର ପାରମ୍ପରିକ ନାଚଗୀତରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ଅତିଥିଭାବେ ବଡ଼ଦେଉଳି ସରପଞ୍ଚ କମଳ ନାଏକ, ରଜନୀକାନ୍ତ ସାହା ଯୋଗଦେଇ ଆଦିବାସୀଙ୍କ ମହାନପର୍ବ ମାଘେ ପର୍ବ କିପରି ଅଧିକ ଆକର୍ଷଣ କରାଯିବ ସେ ନେଇ ସୂଚନା ଦେଇଥିଲେ। ସମାଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ମାଘେ ପର୍ବ ମାଧ୍ୟମ ବଜାୟ ରଖିଥିବାରୁ କ୍ଲବର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

ଏହି ପର୍ବ ବର୍ଷ ବର୍ଷ ଧରି ଚାଲୁ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସରଧା ଯୁଥ୍ କ୍ଲବ ଏହି ପର୍ବର ଆୟୋଜକ ଥିଲା। ଏହି ପର୍ବ ଆୟୋଜନରେ କ୍ଲବ ସଭାପତି ଅକ୍ଷୟ ମୁଣ୍ଡା, ସମ୍ପାଦକ ସଞ୍ଜୟ ମୁଣ୍ଡା, ଶତ୍ରୁଘନ ମୁଣ୍ଡା, ବିଜୟ ମୁଣ୍ଡା, ମନମୋହନ ମୁଣ୍ଡା, ସୁରେନ୍ଦ୍ର ମହାନ୍ତ, ଗୋବିନ୍ଦ ମୁଣ୍ଡା, ସୁନୀଲ ନାଏକ, ଦୁର୍ଗା ମୁଣ୍ଡା, ଭରତ ନାଏକ, ଗଙ୍ଗା ମୁଣ୍ଡା, ରାକେଶ ହେମ୍ବ୍ରମ, ସିଂରାଜ ହେମ୍ବ୍ରମ, ସଜ୍ଜନ ମୁଣ୍ଡାଙ୍କ ସହିତ ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ଅତିଥିଭାବେ ସମାଜସେବୀ ସଚ୍ଚିଦାନନ୍ଦ ସାହା, କରଞ୍ଜିଆ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ୱାର୍ଡସଭ୍ୟା ସୁଭଦ୍ରା ମୁଣ୍ଡା ପ୍ରମୁଖ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବେଲୁନ ଫୁଲା, ହାଣ୍ଡି ଫୁଟା, ମ୍ୟୁଜିକ ଚେୟାର, ଜିଲ୍ଲାବି ଖିଆ, ଦୌଡ଼, ବେଲାନ୍ସ ରେସ, ଝୋଟି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପାରମ୍ପରିକ ଆଦିବାସୀ ନାଚ ଓ ଗୀତ ପରିବେଷଣ ହୋଇଥିଲା।

## ଦୁଇ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ପୂର୍ବତନ ଡେପୁଟି ମେୟର



ଖୁଣ୍ଟା, ୧୨।୨(ସମିସ): ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତିକରି ମାନବିକତା ଦେଖାଇଛନ୍ତି ଭୁବନେଶ୍ୱରର ପୂର୍ବତନ ଡେପୁଟି ମେୟର ମେୟର ଭାରତୀ ସିଂ। ଗୋପବନ୍ଧୁନଗର ବ୍ଲକ ଟୁଙ୍ଗାଧୁଆ ଗ୍ରାମ ନିକଟରେ ଦୁର୍ଘଟଣାର ଶିକାର ହୋଇ ଦୁଇଜଣ ଯୁବକ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବାବେଳେ ସେହି ବାଟ ଦେଇ ଯାଉଥିବା ପୂର୍ବତନ ମେୟର ଭାରତୀ ସିଂ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ଯୋଗ୍ୟ ଯେ, ରବିବାର ଉଦଳା ଅଞ୍ଚଳର ଦୁଇ ଯୁବକ ବାଇକ ଯୋଗେ ଯାଉଥିବା ବେଳେ ଛେଳିକୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ।

## ଏନ୍‌ସିସି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ବଡସାହି, ୧୨।୨(ସମିସ): ବଡସାହି ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟର ସିନିୟର ଏନ.ସି.ସି ବିଭାଗ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପକ ଫକିରଚରଣ ସାହୁ, କୃପାସିନ୍ଧୁ ମହାକୁଡ, ଡ. ଜୀବନ କୁମାର



ପଣ୍ଡିତ ପ୍ରମୁଖ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସିନିୟର କ୍ୟାଡରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ବେଶ ଆକର୍ଷଣୀୟ ଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ୫୨ ଜଣ କ୍ୟାଡର ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ। ସିନିୟର ଟ୍ରୁପ୍ କମାଣ୍ଡର ଲେଫ୍ଟନାଣ୍ଟ ଡ. ପାର୍ଥସାରଥୀ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଡିଭିଜନର ଛାତ୍ରୀ କବିତା ପୃଷ୍ଟି ମଞ୍ଚ ପରିଚାଳନା ଓ ଡ. ଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପକ ମେମୋରିଆଲ କ୍ରିକେଟ; ରାଉରକେଲା ଚାମ୍ପିଅନ

ରାଇରଙ୍ଗପୁର, ୧୨।୦୨(ସମିସ): ରାଇରଙ୍ଗପୁର ମହୁଲଡିହା ପଡ଼ିଆରେ ୨୫ତମ ଦୀପକ ମେମୋରିଆଲ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଳାସପୁର ଓ ରାଉରକେଲା ମଧ୍ୟରେ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୯ ୱିକେଟ ହରାଇ ୨୩୫ ରନ କରିଥିବା ବେଳେ ବିଳାସପୁର ଦଳ ୨୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୫୦ ରନ କରି ପରାସ୍ତ ହୋଇଥିଲା। ଫଳରେ ରାଉରକେଲା ଦଳ ଚାମ୍ପିଅନ ହୋଇଥିବାବେଳେ ବିଳାସପୁର ଦଳ ରନର୍ସଅପ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମରୋଡା ବିଧାୟକ ରାଜକିଶୋର ଦାସ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଏସଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ସମାଜସେବୀ ସଚିନ୍ ଅଗ୍ରୱାଲା ପ୍ରମୁଖ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ପୁରସ୍କାର ରାଉରକେଲା ଦଳକୁ ୫୦ ହଜାର ଟଙ୍କା ସହିତ ଟ୍ରଫି ଓ ବିଳାସପୁର ଦଳକୁ ୪୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ କମିଟିର ସଭାପତି ନବଚରଣ ମାଝୀ, ଉପସଭାପତି ବିଡାର ମାଝୀ, ସମ୍ପାଦକ ଅମର ପ୍ରଧାନ ଦେଓହେମ୍ବ୍ରମ, ସ୍ପୋଟସ୍ ସମ୍ପାଦକ ପଞ୍ଚୁ ଲୋହାର, ମିଡିଆ ପ୍ରଭାରୀ ସିଦ୍ଧାର୍ଥ ପାଲ୍, କିଶୋର ରଜକ, ଉପଦେଷ୍ଟା ପ୍ରଦୀପ ରାଉତ, ସଞ୍ଜୀବ ସିଂ, ପ୍ରଶାନ୍ତ ପରୀକ୍ଷା, ଶ୍ୟାମ ସୁନ୍ଦର ଜ୍ୟୋତିଷି, ଶିଶିର ପଣ୍ଡା, ବିଶ୍ୱରଞ୍ଜନ ପାଲ୍, ଅଭିମନ୍ୟୁ ନାଏକ, ନିହାର ଦାସ୍, ବୁବୁନ ମହାନ୍ତ, ଶ୍ୟାମ ପଟ୍ଟନାୟକ, ବାବି ମହାନ୍ତ ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ। ମ୍ୟାନ ଅଫ ଦି ସିରିଜ ଭାବେ ବିଳାସପୁର ଦଳର ଆଲଟାମାସ୍ ଖାନ୍ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ରାଉରକେଲା ଦଳର ସୋମିତ୍ ଶର୍ମାଙ୍କୁ ପ୍ରଦାନ କରାଯାଇଥିଲା।

## ଜେଏମ୍‌ଏମ୍‌ର ମିଶ୍ରଣ ପର୍ବ

ବଡଡାଲିମା /ତିରିଙ୍ଗ, ୧୨।୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡଡାଲିମା ଜେଏମଏମ କାର୍ଯ୍ୟାଳୟ ପରିସରରେ ଆଜି ବହୁସଂଖ୍ୟକ ବିଜେପି କର୍ମୀ ଜେଏମଏମରେ ସାମିଲ ହୋଇଛନ୍ତି। ଏହି ଅବସରରେ ଜେଏମଏମର ରାଜ୍ୟ ସଭାପତି ଅଞ୍ଜଳି ସୋରେନ ମାରାଣ୍ଡି ଆଜି ବଡଡାଲିମାର ଜେଏମଏମ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସଭାପତି ରୂପାୟ ମୁର୍ମୁଙ୍କ ଉଦ୍ୟମରେ



ସାଂସଦଙ୍କ ପ୍ରତିନିଧି ସଚିନ ଟୁଡୁ, ବିଜେପିର ରେଙ୍ଗାଲବେଡା ଜିପି ପ୍ରେସିଡେଣ୍ଟ କର ବାସ୍କେ, ନାରାଣି ପଞ୍ଚାୟତର ସଞ୍ଜୟ ମାଝୀ, ତିରିଙ୍ଗର ପ୍ରିଥି ହାଁସଦା, ନାରାଣପୁର ଜିପିର ବାବଲୁ ପାତ୍ର, ଠାକୁରଦାସ ଟୁଡୁ, ରମେଶ ଚନ୍ଦ୍ର ମୁର୍ମୁ, ସୁନ୍ଦର ମୋହନ ମୁର୍ମୁ, ସନ୍ତୋଷ ଟୁଡୁ ପ୍ରମୁଖ ଶତାଧିକ କର୍ମୀ ବିଜେପି ଛାଡି ଜେଏମଏମରେ ସାମିଲ ହୋଇଛନ୍ତି। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଅଞ୍ଜଳି ସୋରେନ ମାରାଣ୍ଡି ଫୁଲତୋଡ଼ା ଏବଂ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସମ୍ପାଦକ ସୁନ୍ଦର ମୋହନ ଟୁଡୁ, ଉପ ସଭାପତି ବାହା ମାରାଣ୍ଡି, ଡିକୁ ମାରାଣ୍ଡି, ବୁଟୁରୁ ମଣ୍ଡଳ ସହଯୋଗ କରିଥିଲେ।

# ସମସ୍ୟାରେ ଟାଟୋ କନ୍ୟାଶ୍ରମ



କରଞ୍ଜିଆ, ୧୨।୨(ସମିସ)

ଆଦିବାସୀ ଛାତ୍ରୀଙ୍କୁ ଶିକ୍ଷାଦାନ କ୍ଷେତ୍ରରେ କରଞ୍ଜିଆ ଉପଖଣ୍ଡର ଆଦିବାସୀ ବିଦ୍ୟାଳୟମଧ୍ୟରୁ ଟାଟୋ କନ୍ୟାଶ୍ରମର ଅନେକ ଉଲେଖନୀୟ ଅବଦାନ ରହିଛି। ବର୍ତ୍ତମାନ ଟାଟୋ କନ୍ୟାଶ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମରେ ପରିଚୟ ରହିଛି। ଗତ ୧୯୮୭ ମସିହାରେ କରଞ୍ଜିଆ ବ୍ଲକ ଟାଟୋଠାରେ ଏହି କନ୍ୟାଶ୍ରମ ସ୍ଥାପନା କରାଯାଇଥିଲା। ବର୍ତ୍ତମାନ ଏଠାରେ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିରୁ ୯୮ ଭାଗ ହେଉଛନ୍ତି ଆଦିବାସୀ ଶ୍ରେଣୀର। ତେବେ ଛାତ୍ରୀଙ୍କ ଭବିଷ୍ୟତ ଗଠନ କରୁଥିବା ଏହି ବିଦ୍ୟାଳୟ ଏବେ ନାନା ସମସ୍ୟା ଦେଇ ଗତିକରୁଛି। ଏଠାରେ ଛାତ୍ରୀ ରହିବା ପାଇଁ ଦୁଇଟି ବଡ଼ ହଷ୍ଟେଲ ରହିଛି। ତେବେ ସୁରକ୍ଷା ଦୃଷ୍ଟିରୁ ସୁଉଚ୍ଚ ପାଚେରୀର ଆବଶ୍ୟକତା ରହିଛି। ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଦ୍ୟାଳୟ ମଧ୍ୟରେ ଏକ ଓଭର ହେଡ଼ ଟାଙ୍କି ସ୍ଥାପନ କରାଯାଇଛି; ହେଲେ ଏ ଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆ ନାହିଁ। ଛାତ୍ରୀମାନେ ଜିଲ୍ଲା ଏବଂ ରାଜ୍ୟ ସ୍ତରକୁ ଖେଳିବାକୁ ଯାଉଥିଲେ ମଧ ସେମାନଙ୍କ ପାଇଁ ଖେଳ ପଡ଼ିଆ ନ ଥିବାରୁ ଠିକ ଭାବରେ ଅଭ୍ୟାସ କରିପାରୁନାହାନ୍ତି। ବିଶେଷକରି ଏଠାରେ ପୁରୁଷ ଶିକ୍ଷକଙ୍କ ପାଇଁ ଶୌଚାଳୟ ନାହିଁ। ଏହାବ୍ୟତୀତ ବିଦ୍ୟାଳୟକୁ ଜଗୁ ଥିବା ମହିଳା କର୍ମଚାରୀ ପାଇଁ ବିଶ୍ରାମ ଗୃହ ନାହିଁ କି ଆଗନ୍ତୁକ, ଅଭିଭାବକ ଆସିଲେ ସେମାନଙ୍କ ପାଇଁ ବିଶ୍ରାମ ଗୃହର ଅଭାବ ରହିଛି। ଏଣୁ ଏହା ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବାରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହାର ସମାଧାନ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି।

## ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ମାଘ ମିଳନ୍



ରାଇରଙ୍ଗପୁର, ୧୨।୨(ସମିସ)

ଜାମଦା ବ୍ଲକ ପ୍ରସିଦ୍ଧ ପୁଣ୍ୟ ପୂଜାପୀଠ କଇଁପୁର ପାକଣାପାଟଠାରେ ଜାମଦା ନିଖିଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ଏକ ବନ୍ଧୁମିଳନ ଓ ପ୍ରଥମ ବାର୍ଷିକ 'ମାଘ ମିଳନ୍-୨୦୨୪ 'ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଉତ୍ସବରେ ନିମନ୍ତ୍ରିତ ଅତିଥିଭାବେ ସମିତିର ମୟୂରଭଞ୍ଜ ସଭାପତି ନରେନ୍ଦ୍ର ପାତ୍ର, ସମ୍ପାଦକ ଅରୂପ କୁମାର ପାତ୍ର, ସମ୍ମାନିତ ଅତିଥିରୂପେ ଶିବଶଙ୍କର ପାତ୍ର, ନୃସିଂହ ପାତ୍ର, ରରୁଆଁରୁ ସୋମନାଥ ପାତ୍ର, ଯଶିପୁରରୁ ଅଯୋଧ୍ୟା ପାତ୍ର, ତିରିଂରୁ ରତନ ପାତ୍ର, ବହଳଦା ବ୍ଲକରୁ ବରୁଣ ପାତ୍ର ଓ ଜାମସେଦପୁରରୁ ବନମାଳୀ ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ବ୍ୟକ୍ତି ରମେଶ ଚନ୍ଦ୍ର ପାତ୍ର, ସେନାପତି ପାତ୍ର, ବିରଞ୍ଚି ପାତ୍ର, ସୁରେଶ ପାତ୍ର, ଲୋଚନ ଦାସ, ଅନାଦି ପାତ୍ର, ସୁମିତ୍ରା ଦାସ, କେଶବ ଦାସ, ଭାଗବତ ପାତ୍ର, କନିଷ୍ଠ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଉତ୍ସବ ପାଳନର ସଫଳ ରୁପାୟନ ନିମନ୍ତେ ଗୁରୁଜନମାନଙ୍କ ଠାରୁ ଶୁଭାଶିଷ ନେଇ କାର୍ଯ୍ୟକ୍ରମ ଆଗେଇ ନିଆଯାଇଥିଲା। ଶିଶୁମାନଙ୍କ ନିମନ୍ତେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା।

## ସୁନାଘାଇ ବନ୍ଧରେ ପଡ଼ି ଜଣେ ମୃତ

**ହାଟଡ଼ିହୀ,୧୨।୨(ସମିସ):** ସୋସୋ ଥାନା ଅଧୀନ ଜମ୍ବିରା ପଞ୍ଚାୟତ ସୁନ୍ଦରପାଳ ଗ୍ରାମ ଲାଖବିନ୍ଧା ସାହିର ବୁଦ୍ଧଦେବ ମୁଦୁଲି (୪୫) ସୁନାଘାଇ ବନ୍ଧରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ବୁଦ୍ଧଦେବ ଗ୍ରାମ ନିକଟସ୍ଥ ସୁନାଘାଇ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲା ବେଳେ ଅସାବଧାନତା ବଶତଃ ପାଣିରେ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ପାଣିରୁ ବାହାରି ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ମୃତକଙ୍କ ପତ୍ନୀ ମାମିନା ମୁଦୁଲି କହିଛନ୍ତି।
ପ୍ରକାଶ ଥାଉକି, ଉକ୍ତ ବନ୍ଧରେ ଗାଧୋଉଥିବା ଗାଁ ଲୋକଙ୍କ ଠାରୁ ଖବର ପାଇ ମୃତକଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ପାଣିରେ ଭାସୁଥିବା ଦେଖି ବଞ୍ଚିଥିବାର ଆଶଙ୍କାରେ ତାଙ୍କୁ ପାଣିରୁ ଟାଣି ଉପରକୁ ନେଇ ଆସିଥିଲେ। କିନ୍ତୁ ସେତେବେଳେ ବୁଦ୍ଧଦେବଙ୍କ ମୃତ୍ୟୁ ହୋଇସାରିଥିଲା। ବୁଦ୍ଧଦେବଙ୍କର ୨ଟି ନାବଳିକ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଏହି ଘଟଣାରେ ପରେ ସ୍ଥାନୀୟ ୱାର୍ଡମେମ୍ବର ଓସରପଞ୍ଚଙ୍କ ପୁଲିସକୁ ଖବର ଦେଇଥିଲେ। ତେବେ ଦୀର୍ଘ ୨ଘଣ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଲିସ ଶବକୁ ଜବତ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ଢାବା ମାଲିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୧୨।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବେଲପଶି ଗ୍ରାମରେ ରୋଷେଇ ଘରୁ ଢାବା ମାଲିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବେଲପଶି ଗ୍ରାମର ହୃଷୀକେଶ ନାଏକ (୫୫)। ହୃଷୀକେଶ ତୁରୁମୁଙ୍ଗାରେ ଏକ ଢାବା କରିଥିବା ବେଳେ ସେ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ, ଏଏସ୍‌ଆଇ ବିରେନ୍ଦ୍ର କିଶୋର ବେହେରା ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୪/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଯୋଡ଼ା,୧୨।୨(ସମିସ):** ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡ଼ା ଠାରେ ଜଣେ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କ ଗାଧୁଆ ଘରକୁ ଯାଇଥିବା ବେଳେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ କବାଟ ଭାଙ୍ଗି ତାଙ୍କ ମୃତଦେହ ରଶିଲେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମୃତ ଯୁବକ ଜଣଙ୍କ ରାଜେଶ ପାତ୍ର (୨୪) ବୋଲି ଜଣାପଡିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡିନଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବଟିକୁ ଜବତ କରିବା ସହିତ ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## ମଙ୍ଗଳା ସେବା ସଙ୍ଗଠନ ପକ୍ଷରୁ ବୃଷଭ ଚିକିତ୍ସା



**ବେଲବାହାଲି,୧୨।୨(ସମିସ):** ଆନନ୍ଦପୁର ଉପଖଣ୍ଡର ସ୍ୱେଚ୍ଛାସେବୀ ସଙ୍ଗଠନ ମା'ମଙ୍ଗଳା ସେବା ସଂଗଠନର ସଦସ୍ୟମାନେ ଆଜି ଶାଳପଡା ବାଇପାସ ନିକଟରେ ଦୀର୍ଘଦିନ ହେବ ପଡିରହିଥିବା ଏକ ଷଣ୍ଢର ଚିକିତ୍ସା କରିଥିବା ଜଣାଯାଇଛି। ଦୁଇ ଗୋଡ଼ରେ ଆଘାତ ଲାଗି ଷଣ୍ଢଟି ଅସହାୟ ଅବସ୍ଥାରେ ନଖାଇ ନ ପିଇ ପଡ଼ିରହିଥିଲା। ଚିକିତ୍ସା ପାଇଁ କେହିବି ଆଗକୁ ଆସୁନଥିବା ବେଳେ ଖବର ପାଇ ମା' ମଙ୍ଗଳା ସେବା ସଙ୍ଗଠନର ପ୍ରତିଷ୍ଠାତା ହରିହର ଓଝାଙ୍କ ନିର୍ଦ୍ଦେଶ କ୍ରମେ ଷଣ୍ଢକୁ କାବୁକରି ଉତ୍ତମ ଚିକିତ୍ସା କରିଥିଲେ। ଏଥିରେ ସେଚ୍ଛାସେବୀ ଯୁବକ ସୌମ୍ୟରଞ୍ଜନ ଖିଲାର, କାଳନ୍ଦୀ ସା, ମନୋଜ କୁମାର ବାରିକ, ଦୀନବନ୍ଧୁ ପରିଡ଼ା, ବାପୁନ ସାହୁ, ବ୍ରଜବନ୍ଧୁ ଦାସ, ଓମ୍ ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆଦିବାସୀ ଅଞ୍ଚଳକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି



**ଆନନ୍ଦପୁର,୧୨।୨(ସମିସ):** ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ହଦଗଡ଼ ଗ୍ରାମ ପଞ୍ଚାୟତ ଅଧୀନ ପିତନାଉ, ଦଳିକି, ରତନମରା ଓ ସୁକୁନାପାଳ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଏହି ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ କେନ୍ଦୁଝର ଜିଲ୍ଲାପାଳ ୨୦୨୧ ମସିହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ଲୋକଙ୍କ ଦାବିକୁ ପୂରଣ କରିବା ଦିଗରେ ଖୁବ୍‌ଶୀଘ୍ର ସବୁ ଗ୍ରାମର ଗ୍ରାମ ସୀମା ଚିହ୍ନଟ ପାଇଁ କ୍ଷେତ୍ର କର୍ମଚାରୀଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ କରିଥିବା ପ୍ରତିନିଧି ମଣ୍ଡଳରେ ରାଘବ ନାଇକ, ରବୀନ୍ଦ୍ର ଦଣ୍ଡପାଟ, ରବୀନ୍ଦ୍ର ଦେହୁରୀ, ସନା ହେମ୍ବ୍ରମ, ଜୁମ୍ବାଲ ହୋ, ଫକୀର ହୋ ସାମିଲ ହୋଇଥଲେ।

## ୧୫ରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

# ୬୦ ଷ୍ଟଲ୍‌ରେ ମିଳିବ ବନଔଷଧି

**କେନ୍ଦୁଝର,୧୨।୨(ସମିସ)**



କେନ୍ଦୁଝର ବନଖଣ୍ଡ, ରାଜ୍ୟ ଔଷଧି ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର କାଳିପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତରମାନେ ଅଂଶଗ୍ରହଣ କରିବେ। ମେଳାରେ ପ୍ରାୟ ୬୦ଗୋଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡିବୁଟି ବିକ୍ରି ବଟା କରାଯିବା ସହ ମାଗଣାରେ ଚିକିତ୍ସା ମଧ୍ୟ କରାଯିବ। ଏହା ଛଡା ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳାରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକମାନଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନାଚକ୍ର କରାଯିବ। ପ୍ରତିଦିନ ସକାଳ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯିବ ବୋଲି ସୂଚନା ମିଳିଛି। ଏଥିସହ ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ ସଂଗଠନମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜୋନ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହି ମେଳାରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା। ଏଭଳି ମେଳା ଜିଲ୍ଲା ପାଇଁ ପ୍ରଥମ ହୋଇଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରି ମେଳାର ସୁଯୋଗ ନେବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏର୍‌ଡ଼ି ଧନରାଜ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ପରେ ପରେ ମେଳା ସମ୍ବନ୍ଧୀୟ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଡିଏଫଓଙ୍କଜ ସହ ଏସିଏଫ୍ ଅଶୋକ ଦାଶ, ଅନ୍ୟ ବରିଷ୍ଠ ଅଧିକାରୀ ମାନେ ସାମିଲଥିଲେ।

# ଆଲୋଚନା ପରେ ଧାରଣା ହଟିଲା



**ଯୋଡ଼ା,୧୨।୨(ସମିସ):** ଟାଟା କମ୍ପାନୀରେ ପୌରପାଳିକାର ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦାବିରେ ଗତ ୯ ତାରିଖଠାରୁ କମ୍ପାନୀ ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଦିଆଯାଇଥିବା ଧାରଣା ଶେଷରେ ଫସର ଫାଟିଯାଇଛି। ସୋମବାର ପୌର କାର୍ଯ୍ୟାଳୟ ସଭାଗୃହରେ ଯୋଡ଼ା ପୌରପରିଷଦର କାଉନସିଲର, ପୌରାଧକ୍ଷ ଓ କମ୍ପାନୀର ଅଧିକାରୀମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଆଲୋଚନା ହୋଇଯାଇଛି। ନିକଟରେ କମ୍ପାନୀର ସମ୍ପ୍ରସାରଣ ଜନୀତ ଗ୍ରାମସଭାରେ କାଉନସିଲରମାନେ ସର୍ବମୂଳକ ସମର୍ଥନ ପ୍ରଦାନ କରିଥିଲେ। ଏଥିରେ ପୌରପାଳିକାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦାବି କରାଯାଇଥିବା ବେଳେ ଏହା ସହିତ ପ୍ରତି ୱାର୍ଡରୁ ୧୦ଜଣ ଲେଖାଁ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ କମ୍ପାନୀ ପ୍ରତିଶ୍ରୁତି ପ୍ରଦାନ କରିଥିଲା। ପ୍ରତି ୱାର୍ଡରୁ ପ୍ରାର୍ଥୀମାନେ ନିଯୁକ୍ତି ନିମନ୍ତେ ଆବେଦନ କରିଥିବା ବେଳେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିକଟରେ ଲିଖିତ ପରୀକ୍ଷା କରାଯାଇ ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ସୋମବାର ନୂଆମୁଣ୍ଡି ଠାରେ ମୌଖିକ ପରୀକ୍ଷା ମଧ୍ୟ କରାଯାଇଛି। ତେବେ ପୂର୍ବରୁ କାଉନସିଲରମାନେ ପୌରପାଳିକା ବାହାରର ପ୍ରାର୍ଥୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇଥିବା ନେଇ ଅଭିଯୋଗ କରି ଧାରଣା ଦେଇଥିଲେ। ତେବେ ବାହାର ନିଯୁକ୍ତି ଅସତ୍ୟ ପ୍ରମାଣିତ ହେବା ପରେ ଏହି ଧାରଣା ଫସର ଫାଟିଯାଇଛି। ସୋମବାର ଏହି ବୈଠକରେ ଯୋଡ଼ା ପୌରାଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଉପନିଗରପାଳ ସନ୍ଧ୍ୟା ପାତ୍ର, ସମସ୍ତ କାଉନସିଲରଙ୍କ ସହିତ କମ୍ପାନୀର ଯୋଡ଼ା ମୁଖ୍ୟ ରାଜେଶ କୁମାର, କମ୍ପାନୀର ମାନବ ସମ୍ବଳ ଅଧିକାରୀ ଏସପି ସିଂ, ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ରବୀନ୍ଦ୍ର କୁମାର ପ୍ରମୁଖ ଯୋଗଦେଇଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ଶିବିର



**ଆନନ୍ଦପୁର,୧୨।୨(ସମିସ):** ବନ୍ୟପ୍ରାଣୀ ସଂରକ୍ଷଣ ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ନେଇ କାଠକଟା ପଞ୍ଚାୟତସ୍ଥିତ ସୁକୁନାପାଳ ଗ୍ରାମରେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗକୁ ଖରାଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ନ ଲଗେଇବା ଏବଂ ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ସୁରକ୍ଷା ଏବଂ ଜଳ ସୁରକ୍ଷାକୁ ପ୍ରାଧାନ୍ୟ ନେଇ ଆମେ ଆଗାମୀ ଦିନରେ ପ୍ରକୃତି ସୁରକ୍ଷା ପାଇଁ ଅଧିକ ଯତ୍ନବାନ ହେବା ପାଇଁ ସମାଜସେବୀ ପ୍ରସନ୍ନ ନାୟକ ମତ ଦେଇଥିଲେ। ସୁକୁନାପାଳ ଗ୍ରାମର ସତ୍ୟାନନ୍ଦ ନାୟକ ଉପସ୍ଥିତ ଲୋକମାନଙ୍କୁ ଉପରୋକ୍ତ ବିଷୟରେ ଗୁରୁତ୍ୱରୋପ କରିବାକୁ ନିଜ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତ ନାୟକ, ନାରାୟଣ ଦେହୁରୀ, ପ୍ରଦୀପ କୁମାର ରାମ୍ ଏବଂ ଫରେଷ୍ଟ ସ୍କାର୍ଡ ଜଗନ୍ କୁମାର ଦେହୁରୀ କାର୍ଯ୍ୟକ୍ରମ ବାବଦରେ ସଚେତନ କରିଥିଲେ। ଆଗାମୀ ଦିନରେ ଏହିଭଳି ବନ୍ୟପ୍ରାଣୀ ସଚେତନ ଶିବିର ଏବଂ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଆନନ୍ଦପୁର ଉପଖଣ୍ଡର ପ୍ରତ୍ୟେକ ଗ୍ରାମରେ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଥିଲେ।

## ଭାଲୁଘେରାରେ ହିନ୍ଦୁ ଧର୍ମକୁ ଫେରିଲେ ଗୋଟିଏ ପରିବାର

**ଆନନ୍ଦପୁର,୧୨।୨(ସମିସ):** ଆନନ୍ଦପୁର ବ୍ଲକର ଆଦିବାସୀ ଅଞ୍ଚଳରେ ଧର୍ମାନ୍ତିକରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଜି ଗୟଳମୁଣ୍ଡା ପଞ୍ଚାୟତ ଭାଲୁଘେରା ଗ୍ରାମର ଗୋଟିଏ ପରିବାର ଅନ୍ୟ ଧର୍ମ ଛାଡ଼ି ମୂଳ ହିନ୍ଦୁ ଧର୍ମକୁ ଫେରିଥିବା ଜଣାଯାଇଛି। ଆନନ୍ଦପୁର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଭାଲୁଘେରା ଗ୍ରାମର ବନମାଳି ହୋଙ୍କ ପରିବାର ମୂଳ ହିନ୍ଦୁ ଧର୍ମକୁ ଫେରି ଆସିଛନ୍ତି। ଭାଲୁଘେରା ଗ୍ରାମରେ କେତେକ ଆଦିବାସୀ ପରିବାରଙ୍କୁ ପ୍ରଲୋଭିତ କରାଯାଇ ଦୀର୍ଘ ୮ ବର୍ଷ ତଳେ ଅନ୍ୟ ଧର୍ମରେ ଦିକ୍ଷିତ କରାଯାଇଥିଲା। ଏହି ପରିବାର ଅନ୍ୟ ଧର୍ମରେ ଦିକ୍ଷିତ ହେବା ପରେ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଧର୍ମାନ୍ତରୀତ ପରିବାରଙ୍କୁ ଆଦିବାସୀ ଲୋକେ ସାମାଜିକ ବାସନ୍ଦ ଭଳି ନଜରରେ ରଖିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାଲୁଘେରା ଗ୍ରାମର ବନମାଳି ହୋ ନିଜର ସପରିବାର ସୁକୁମତୀ ହୋ, ଚମ୍ପା ହୋ, ସାବିତ୍ରୀ ହୋ, ଲେବରା ହୋ, ସୋନାଲି ହୋଙ୍କ ସହିତ ମୂଳ ହିନ୍ଦୁ ଧର୍ମକୁ ଫେରିଥିବା ଜଣାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ରାଜ୍ୟ ପ୍ରଶିକ୍ଷଣ ପ୍ରତିନିଧି ଅକ୍ଷୟ ସାହୁ, ସାପ୍ତାହିକ ପ୍ରତିନିଧି ତୃପ୍ତିରଞ୍ଜନ ସାହୁ, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ରବିନ୍ଦ୍ର ପ୍ରସାଦ ଚାନ୍ଦ ଯୋଗଦେଇ ବୈଦିକ ହୋମଯଜ୍ଞ କରିବା ସହିତ ହିନ୍ଦୁ ଧର୍ମକୁ ଫେରୁଥିବା ପରିବାରଙ୍କୁ ପଞ୍ଚଗବ୍ୟ ଓ ପଞ୍ଚାମୃତ ସେବନ କରାଇ ସିଦ୍ଧ କରିବା ସହିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀକୁ ଯାତ୍ରା କରିବା ପାଇଁ ପରାମର୍ଶ ଦେଇଥିଲେ।



## ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସଫଳତା



**ତୁରୁମୁଙ୍ଗା,୧୨।୨(ସମିସ):** ଶିକ୍ଷା ବର୍ଷ ୨୦୨୨-୨୩ ବ୍ଲକସ୍ତରୀୟ ସରକାରୀ ମେଧା ବୃତ୍ତିରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଓ ପଞ୍ଚମ ଶ୍ରେଣୀର ୭ ଜଣ ଛାତ୍ରଛାତ୍ରୀ କୃତିତ୍ୱ କରିଛନ୍ତି। ତୃତୀୟ ଶ୍ରେଣୀ ଛାତ୍ରୀ ସ୍ୱାତୀସ୍ମିତା ମହାନ୍ତ ୩ୟ ସ୍ଥାନ, ଗରିବ ମେଧା ବୃତ୍ତିରେ ବିଷ୍ଣୁପ୍ରିୟା ମହାନ୍ତ ଦ୍ୱିତୀୟ ସ୍ଥାନ ଓ ପଞ୍ଚମ ଶ୍ରେଣୀ ବୃତ୍ତିରେ ପ୍ରତ୍ୟୁଷ କୁମାର ବାରିକ ଦ୍ୱିତୀୟ ସ୍ଥାନ, ଆୟୁଷ ଅଭିଜ୍ଞାନ ବେହେରା ୪ର୍ଥ ସ୍ଥାନ, ପୁନିତ୍ କୁମାର ସାହୁ ଗରିବ ମେଧା ବୃତ୍ତିରେ ୧ମ ସ୍ଥାନ, ସୁବ୍ରତ କୁମାର ପୃଷ୍ଟି ଦ୍ୱିତୀୟ ସ୍ଥାନ ଏବଂ ତାନିୟା ସାହୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କର କୃତିତ୍ୱ ଯୋଗୁଁ ସୋମବାର ବିଦ୍ୟାଳୟ ତରଫରୁ ସମ୍ପାଦକ ପ୍ରମୋଦ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଗୁରୁଜୀ ଗୁରୁମା ଛାତ୍ରଛାତ୍ରୀଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

## ଆଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ରାମଚନ୍ଦ୍ରପୁର,୧୨।୨(ସମିସ):** ଘସିପୁରା ବ୍ଲକ ପଦନପୁର ୟଙ୍ଗ୍ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକ ଆଶିଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଟ ଆଜି ଉଦଯାପିତ ହୋଇଯାଇଛି।, ଫାଇନାଲ ମ୍ୟାଚ ୩ଟି ସେଟରେ ଅନୁଷ୍ଠିତ ହୋଇଥିଲା। ଦରଡିପାଳ ଏକାଦଶକୁ ୨-୧ ସେଟରେ ହରାଇ କଅଁସ କେନ୍ଦୁଆ ଟିମ୍ ଚାମ୍ପିଅନ ହୋଇଛି। ମୋଟ ୮ଟି ଗ୍ରାମାଞ୍ଚଳ ଟିମକୁ ନେଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଅମ୍ପାୟାର ଭାବେ କାଳିପ୍ରସ ସା, ତୋଫାନ ସା ଏବଂ ସ୍କୋର ଦାୟିତ୍ୱରେ ସୁବ୍ରତ କୁମାର ବେହେରା, ମୁଳି ମୁଦୁଲି, ପ୍ରବୋଧ ମହାନ୍ତି, ଧାରା ବିବରଣୀରେ ଅଭୟ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ।

● ବାଉଁଶୂଳୀ ଟି-୧୨ କ୍ରିକେଟ ପ୍ରତିଯୋଗିତା

# ଚଢ଼େଇଭୋଳ ଏକାଦଶ ଚାମ୍ପିଆନ୍

**କେନ୍ଦୁଝର, ୧୨।୨ (ସମିସ):** କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୂଳୀ ଠାରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ସପ୍ତମ ବାର୍ଷିକ ବାଉଁଶୂଳୀ ପ୍ରିମିୟର ଟି-୧୨ ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତାରେ ଚଢେଇଭୋଳ ଏକାଦଶ ଚାମ୍ପିଅନ୍ ହୋଇଛି। ରବିବାର ଚଢେଇଭୋଳ ଏକାଦଶ ମୟୂରଭଞ୍ଜ ଓ ବବୁଲୁ ଡିଜେ ଏକାଦଶ କେମ୍ପସଡା କେନ୍ଦୁଝର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ବବୁଲୁ ଏକାଦଶ ୧୩ ଓଭରରେ ସମସ୍ତ ୱିକେଟ ହରାଇ ୧୦୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କାହ୍ନା ୩୦ ରନ୍ ଓ ଜଗଦୀଶ ୨୪ ରନ୍ କରିଥିଲେ। ଜବାବରେ ଚଢେଇଭୋଳ ଏକାଦଶ ୭ ଓଭରରେ କୌଣସି ୱିକେଟ ନ ହରାଇ ୧୧୨ ରନ୍ କରି ସହଜ ବିଜୟ ହାସଲ କରନେଇଥିଲା। ଦଳ ପକ୍ଷରୁ ଇରସାଦ୍ ୫୫ ରନ୍ ଏବଂ ଅଧିନାୟକ ବାବଲା ୫୧ ରନ୍ କରିଥିଲେ। ଚଢେଇଭୋଳ ଏକାଦଶର ଚିକୁନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଇରସାଦ୍‌ଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍ୟାପନୀ ଦିବସରେ ବିଜେପି ଏସ୍‌ଟି ମୋର୍ଚ୍ଚା ଜିଲ୍ଲା ସଭାପତି କମଳାକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେପି ଶକ୍ତିକେନ୍ଦ୍ର ପ୍ରମୁଖ ସୁଶାନ୍ତ ମହାନ୍ତ, ସମାଜସେବୀ କରୁଣାକର ଦାଶ, ବଡଡୁମୁରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ନାଏକ, ଜିଲ୍ଲା ପରିବହନ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଲକ୍ଷ୍ମଣ କୁମାର ନାଏକ, ଡିପି ହାଇସ୍କୁଲର ପ୍ରଧାନଶିକ୍ଷକ ବେଣୁଧର ନାଏକ, ପୂର୍ବତନ ୱାର୍ଡମେମ୍ବର ମକରଧ୍ୱଜ ମହାନ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏ ଲେବେଲ-୩ ଅମ୍ପାୟାର ସୌରଭ କୁମାର ଘଣା ଓ ଖଗେଶ୍ୱର ବେହେରା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମନୋଜ କୁମାର ମହାରଣା ଓ ଅଜିତ କୁମାର ନାଏକ ସ୍କୋରର, ଇଲେକ୍‌ଟ୍ରୋନିକ୍ସ ସ୍କୋରବୋର୍ଡରେ ବାଦଲ ନାଏକ ଓ ଚିକୁ ମହାକୁଡ ନିଜ ନିଜ ଦାୟିତ୍ୱ ତୁଲାଇଥିଲେ। ବାଉଁଶୂଳୀ କ୍ରିକେଟ ଆସୋସିଏସନ୍‌ର ଉପଦେଷ୍ଟା ବିଶ୍ୱନାଥ ନାଏକ, ସଭାପତି ସୁମନ୍ତ ମହାରଣା, ସଂପାଦକ ନନ୍ଦକିଶୋର ମହାକୁଡଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନ କାର୍ଯ୍ୟକ୍ରମ

**ରାମଚନ୍ଦ୍ରପୁର,୧୨।୨(ସମିସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଗଡ଼ବାନ୍ଧଗୋଡା ଏବଂ ସାଇଁକୁଳ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହରମୋହନ ନାୟକ ଓ ଚନ୍ଦ୍ରଭାନୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଗଡବାନ୍ଧଗୋଡା ସରପଞ୍ଚ ଶଶୀକାନ୍ତ ଯେନା, ସାଇଁକୁଳ ସରପଞ୍ଚ ମୀରାରାଣୀ ନାୟକଙ୍କ ଉପସ୍ଥିତିରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସରଞ୍ଜନ ସାମଲ, ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟକୁମାର ମଲ୍ଲିକ ସମେତ ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବିଶ୍ୱାଳ, ଭରତଭୂଷଣ ନାୟକ, ଅଶୋକ ସ୍ୱାଇଁ, ସେହିପରୀ ସାଇଁକୁଳ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ବିଭାସଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।




**ଆନନ୍ଦପୁର:** ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କନ୍ତୋ ଗ୍ରାମରେ ଆଜି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କନ୍ତୋ ଶିବ ମନ୍ଦିର ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଚିତ୍ର କୁମାର କରଙ୍କ ସଂଯୋଜନାରେ ବିଡିଓ ଯୋଗରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା କଳାକାରଙ୍କ ଦ୍ୱାରା ମଞ୍ଚରେ ସଚେତନତା କରାଯାଇଥିଲା। ଶେଷରେ ଆୟୋଜିତ ସାଧାରଣ ସଭାରେ ବିଡିଓ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱାଗତ ଦାସ, କନିଷ୍ଠ ଯନ୍ତ୍ରୀ କୁନୁମୁନୁ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ପ୍ରିୟଦର୍ଶନୀ ରାଉତ ଯୋଗ ଦେଇ ବିଭିନ୍ନ ସାଂସ୍କୃତିକ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନିରଞ୍ଜନ ସାହୁ, ମନୋରଞ୍ଜନ ସାହୁ, ଅନନ୍ତ ମହାନ୍ତ, ଚନ୍ଦ୍ରମଣି ନାୟକ, ବ୍ରହ୍ମେଶ୍ୱର ସାହୁ, କୈଳାସ ନାୟକ, ବାବୁଲି ଧୀର, ଟିକି ସାହୁ, ଦିବାକର ସାହୁ, ଜୀବନ ଧୀର, ରବିନ୍ଦ୍ର ନାୟକ, ବାବୁ ଧୀର, କାଶିନାଥ ମିଶ୍ର, ଭଗବାନ ହୋ, ଟିମ୍ପୁ ମୁର୍ମୁ, କୁଳଦୀପ ସାହୁ, ମନୋରଞ୍ଜନ ରାଉତ, କୁବେର ଜେନା, ଯଶୋବନ୍ତ ଧୀର ପ୍ରମୁଖ ପରିଚାଳନା କରିଥିଲେ।



